## ୬ ବାଲି ବୋଝେଇ ଡମ୍ଫର ଜବତ

ସୋର, (ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ତହସିଲ ପକ୍ଷରୁ ବେଆଇନ ଭାବେ ଚାଲାଣ ହେଉଥିବା ୬ ବାଲି ବୋଝେଇ ଡମ୍ଫରକୁ ଜବତ କରାଯାଇଛି। ସୋର ତହସିଲଦାର ଡ.ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ୧୬ ନମ୍ବର ଜାତୀୟ ରାଜପଥ ବରଫକଳ ଛକ ନିକଟରେ ବାଲି ବୋଝେଇ ଡମ୍ଫରକୁ ଜବତ କରିଥିଲେ। ଏହି ଡମ୍ଫରଗୁଡ଼ିକ ପରମିଟକୁ ଜାଲିଆତି କରି ବାଲି ପରିବହନ କରୁଥିବା ଜଣାପଡ଼ିବା ପରେ ଏହାକୁ ଜବତ କରାଯାଇ ତହସିଲ ପରିସରକୁ ଅଣାଯାଇଛି। ଗାଡ଼ିଗୁଡ଼ିକୁ ଜରିମାନା ଆଦାୟ ପରେ ଛାଡ଼ି ଦିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।



### ସଂକ୍ଷେପରେ

## ଅଶ୍ଳୀଳ ଫଟୋ ପଠାଇ ବ୍ଲାକମେଲିଂ ମହଙ୍ଗା ପଡ଼ିଲା
### ଥାନାରେ ଯୁବକ ଅଟକ

ପଦ୍ମପୁର, ୨୬।୭(ଡି.ଏନ.ଏ.): ଭଦ୍ରକ ଜିଲା ନାୟକାଣିଡିହୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅଶ୍ଳୀଳ ଫଟୋ ପଠାଇ ବ୍ଲାକମେଲିଂ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏହି ଅଭିଯୋଗରେ ଉକ୍ତ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ସୂଚନା ମୁତାବକ କଷିଆ ସାମୁଦ୍ରିକ ଥାନା ଅଧୀନ ଚାନ୍ଦିମାଳ ଅଞ୍ଚଳର ଜଣେ ଯୁବକ ଦୀର୍ଘଦିନ ଧରି ଉକ୍ତ ମହିଳାଙ୍କୁ ମୋବାଇଲରେ ଅଶ୍ଳୀଳ ଫଟୋ ପଠାଇବା ସହ ବ୍ଲାକମେଲିଂ କରୁଥିଲେ। ମହିଳା ଜଣକ ବାଙ୍ଗାଲୋରରେ ଥିବା ବେଳେ ଉକ୍ତ ଯୁବକ ଫୋନରେ ଗାଳିଗୁଲଜ କରିବା ସହ ତାଙ୍କୁ ମାରିଦେବା ପାଇଁ ଧମକ ଦେଉଥିଲେ। ଏପରି ଘଟଣାକୁ ନେଇ ମହିଳା ଓ ତାଙ୍କ ସ୍ୱାମୀଙ୍କ ଭିତରେ ତିକ୍ତତା ସୃଷ୍ଟି ହୋଇଥିଲା। ଉକ୍ତ ମହିଳା ଏବେ ବାଙ୍ଗାଲୋରରୁ ଫେରି ଶାଶୁଘର ଗୋବିନ୍ଦପୁର ଅଞ୍ଚଳରେ ଆସି ରହିଥିବା ବେଳେ ଉକ୍ତ ଯୁବକ ପୁନର୍ବାର ଅଶ୍ଳୀଳ ବାର୍ତ୍ତା ପଠାଇଥିଲେ। ଏନେଇ ମହିଳା ଜଣକ ସୋମବାର ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର ଘଟଣାର ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୭୭/୨୨) ରୁଜୁ ହୋଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ସୋର, ୨୬।୭(ଡି.ଏନ.ଏ.): ସୋମବାର ପୂର୍ବାହ୍ନରେ ସୋର ବ୍ଲକ ମାଣିପୁର ପଞ୍ଚାୟତ ଦେବଗିରି ପାଦଦେଶରେ ଥିବା ଜାତପଦା ଗ୍ରାମରେ ଦୁଇଟି ଭାଲୁ କାମୁଡ଼ାରେ ଜଣେ ବୃଦ୍ଧ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଗ୍ରାମରେ ଗୋପୀନାଥ କିସ୍କୋ(୬୫) ଶୌଚ ହେବା ପାଇଁ ଯାଇଥିବା ବେଳେ ମା' ଓ ଛୁଆ ଭାଲୁ ଏକସଙ୍ଗେ ଆକ୍ରମଣ କରିଥିଲେ। ନିଜଙ୍କୁ ରକ୍ଷା କରିବାକୁ ଗୋପୀନାଥ ଲଢ଼େଇ କରିବା ସହିତ ଚିତ୍କାର କରିବାରୁ ଗାଁ ଲୋକ ଠେଙ୍ଗାବାଡ଼ି ଧରି ଧାଇଁଆସି ଭାଲୁ କବଳରୁ ଗୋପୀନାଥଙ୍କୁ ଉଦ୍ଧାର କରଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## କିଡ୍‌ନୀ ପୀଡ଼ିତଙ୍କୁ ସହାୟତା

ଭଦ୍ରକ ଅଫିସ,୨୬।୭: ଭଦ୍ରକ ସଦର ବ୍ଲକ ଅଧୀନ ରମ୍ଭିଲା ପଞ୍ଚାୟତ ରାଣୀତାଲର କିଡନୀ ଜନିତ ରୋଗରେ ପୀଡ଼ିତ ପପୁ ବର୍ମନଙ୍କୁ ଶହୀଦ ଭଗତ ସେନା ପକ୍ଷରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନା ମୁତାବକ ପପୁଙ୍କର ତିନି ବର୍ଷ ପୂର୍ବେ ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଥିଲା। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଚିକିତ୍ସା ପାଇଁ ଅର୍ଥବାଧକ ସାଜିଥିଲା। ଏ ସମ୍ପର୍କରେ ଜାଣିବା ପରେ ଶହୀଦ୍ ଭଗତ୍ ସେନା ପକ୍ଷରୁ ସମ୍ପୂର୍ଣ୍ଣ ଚିକିତ୍ସା ନିମନ୍ତେ ଅର୍ଥ ଯୋଗାଇ ଆସୁଥିଲେ। ମଙ୍ଗଳବାର ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଛି। ଏଥିପାଇଁ ୫ ଲକ୍ଷରୁ ଅଧିକ ଟଙ୍କା ସଙ୍ଗଠନ ପକ୍ଷରୁ ସହାୟତା କରିବା ସହିତ ସଙ୍ଗଠନର ଆବାହକ ସୀତାଂଶୁ ଶେଖର ମହାପାତ୍ର ଭୁବନେଶ୍ୱର ଯାଇ ଡାକ୍ତରଙ୍କ ସହିତ ପରାମର୍ଶ କରିଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଖଇରା, ୨୬।୭(ଡି.ଏନ.ଏ.): ଖଇରା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଶନିବାର ଖଇରା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ପ୍ରଥମେ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଏହାପରେ ମୁଖପତ୍ର ବର୍ଷିଆନ ପାଇଁ ଲେଖା ଓ ଖର୍ଚ୍ଚ ବହନ ଉପରେ ଆଲୋଚନା କରାଯାଇଥିଲା। ଅକ୍ଟୋବର ୧ରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ନେଇ ସଭ୍ୟମାନେ ନିଜସ୍ୱ ମତ ଦେଇଥିଲେ। ପରେ ଖଇରା ହାଇସ୍କୁଲ ପ୍ରତିଷ୍ଠାତା ମଦନମୋହନ ଦାସଙ୍କ ପ୍ରତିମୂର୍ତ୍ତି ବିଦ୍ୟାଳୟ ପରିସରରେ ସ୍ଥାପନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଜୋନ ସ୍ତରରେ ଅଧକ ସଦସ୍ୟ ସଂଗ୍ରହ ଉପରେ କର୍ମକର୍ତ୍ତାମାନେ ଜୋର ଦେଇଥିଲେ। ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧକ୍ଷ ଅନାମ ଚରଣ ପଣ୍ଡା, ସନ୍ତୋଷ ଶତପଥି, ବୁଦ୍ଧିରାମ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପାତ୍ର, ବିଷ୍ଣୁମୋହନ ଶତପଥି, ଦେବେନ୍ଦ୍ର ରାଉତ ଓ ନାରାୟଣ ପେଡା ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ କାର୍ଯ୍ୟରେ ବେଆଇନ ପଥର ବ୍ୟବହାର

କେନ୍ଦୁଝର, ୨୬।୭ (ସ୍ୱ.ପ୍ର.)



କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜ ପରିସରରେ ଓମ୍ଫାଡସି ଅର୍ଥରେ ହେଉଥିବା କୋଠା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ପାହାଡ଼କୁ ତାଡ଼ି କୋଠା ନିର୍ମାଣ କରାଯାଉଥିଲେ ହେଁ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବ୍ୟାପକ ରାଜସ୍ୱ ହାନୀ ଘଟୁଛି। ଅନ୍ୟପକ୍ଷରେ ଇଡ୍‌କୋ ପକ୍ଷରୁ କାମ ଚାଲୁଥିବା ବେଳେ ତଦାରଖ ପାଇଁ ସଂସ୍ଥାର କେହି ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ସଦର ତହସିଲ ଅନ୍ତର୍ଗତ ଗୋପୀନାଥ ପଞ୍ଚାୟତ ଅନ୍ତର୍ଗତ ଜାମୁନାଳିଆଠାରେ ସରକାରୀ ଇଞ୍ଜିନିୟରିଂ କଲେଜ ପରିସରରେ ଓମ୍ଫାଡସି ଅର୍ଥରେ ପାଖାପାଖି ୨୦କୋଟି ଟଙ୍କା ବ୍ୟୟରେ ଏକାଡେମିକ୍ ବିଲ୍ଡିଂ, ସେଣ୍ଟ୍ରାଲ ଲାଇବ୍ରେରୀ, କାଫେ ଏରିଆ ନିର୍ମାଣ ଚାଲିଛି। ବ୍ୟୟ ଅଟକଳ, କାର୍ଯ୍ୟାରମ୍ଭ ଓ ଶେଷ ଆଦି ସୂଚନା ଫଳକ ଲଗାଯାଇ ନ ଥିବାରୁ ଠିକ ଖର୍ଚ୍ଚ ଜଣାପଡୁନାହିଁ। ପଥର ଢୁଡ଼ିକୁ କାଟି ଏହି ନିର୍ମାଣ କାର୍ଯ୍ୟ ଚାଲିଛି। ଏଣୁ ଏଥିରୁ ବାହାରୁ ଥିବା ପଥରର ଠିକ ପରିଚାଳନା କରାଯାଉ ନ ଥିବାରୁ ଏଣେତେଣେ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ନିୟମ ଅନୁଯାୟୀ କାମ ପୂର୍ବରୁ ଉକ୍ତ ସ୍ଥାନରେ ଗଚ୍ଛିତ ପଥର ପରିମାଣ ଯାଞ୍ଚ କରିବା ପରେ ଏହାର ମୂଲ୍ୟ ଆକଳନ କରାଯାଇଥାଏ। ଉକ୍ତ ପଥର ବ୍ୟବହାର କରାଗଲେ ସେ ନେଇ ତହସିଲ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ରାଜସ୍ୱ ଜମା କରିବାକୁ ପଡ଼ିଥାଏ। ଏହାପରେ ତହସିଲ ଅନୁମତି କ୍ରମେ ପଥର ଖନନ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା କଥା। ତା'ପରେ ପଥର ଏବଂ ମାଟି ବ୍ୟବହାର କରିବା କଥା। କିନ୍ତୁ ତହସିଲରୁ ଅନୁମତି ନ ନେଇ ତରବରିଆ ଭାବରେ ଉକ୍ତ ସ୍ଥାନରେ ଖନନ କରାଯାଉଛି। ସେହିପରି ତଦାରଖ କରୁଥିବା ସଂସ୍ଥାର ଯନ୍ତ୍ରୀମାନେ ସବୁବେଳେ ରହୁ ନ ଥିବାରୁ ଏହାର ସୁଯୋଗ ନେଇ ଠିକାଦାର ଖନନ ପରେ ଉକ୍ତ ସ୍ଥାନରେ ପିଲାର ନିର୍ମାଣ କରିବା ସହ ଉକ୍ତ ପଥର ଓ ମାଟି ଫିଲିଂ କରୁଛନ୍ତି।

### ସରକାରଙ୍କ ବ୍ୟାପକ ରାଜସ୍ୱ ହାନି

ଏହିପରି କାମ ଆରମ୍ଭ କେବେ ହେଲା ଏବଂ କେବେ ସରିବ ତାହାର ସୂଚନା ମଧ୍ୟ ଦିଆଯାଇନାହିଁ। ଏସମ୍ପର୍କରେ ଇଡ୍‌କୋର ଯନ୍ତ୍ରୀ ଗୌତମ ଜେନା କହିଛନ୍ତି, କାମର ତଦାରଖ କରାଯାଉଛି। ସେଠାରୁ ବାହାରୁଥିବା ପଥର ରଖିବା ପାଇଁ ଜାଗା ନ ଥିବାରୁ ନିୟମ ଅନୁଯାୟୀ ଫିଲିଂ କରାଯାଉଛି। ଅନ୍ୟପକ୍ଷରେ ସଦର ତହସିଲଦାର ଆଶିଷ ମହାପାତ୍ରଙ୍କୁ ପଚାରିବାରୁ ଉକ୍ତ ସ୍ଥାନରୁ ବାହାରୁଥିବା ପଥର ଆକଳନ କରାଯାଇ ରଖାଯାଇଛି। ଉକ୍ତ ପଥରକୁ ନିଲାମ କରାଯାଇ ବିକ୍ରୀ ହେବ। ସେହିପରି ଇଡ୍‌କୋ ଆଞ୍ଚଳିକ ମୁଖ୍ୟ ଭି.ଏସ.ଗିରି କହିଛନ୍ତି, ଇଡ୍‌କୋ ପକ୍ଷରୁ ଏକାଧିକ ସ୍ଥାନରେ କାମ ଚାଲିଥିବାରୁ ସବୁବେଳେ ଯନ୍ତ୍ରୀମାନେ ତଦାରଖ କରିବା ସମ୍ଭବ ନୁହେଁ। ଉକ୍ତ ସ୍ଥାନରୁ ବାହାରୁଥିବା ପଥରକୁ ସେଠାରେ ପୋତି ତା ଉପରେ ବାଲି ଦେଇ ନିର୍ମାଣ କାମ କରାଯାଉଛି।

# ସାର କଳାବଜାର ନେଇ ଅଧିକାରୀଙ୍କୁ ଘେରାଉ

ସିମୁଳିଆ, ୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୧୦୦ ବସ୍ତା ଗ୍ରୋମର ସାର ରଖାଯିବା ନେଇ ଚର୍ଚ୍ଚା ଜୋର ଧରିଛି। ପଞ୍ଚାୟତର ଏକ ପୁରୁଣା କୋଠରୀକୁ ଗତବର୍ଷରୁ ସ୍ଥାନୀୟ ରାଉତପଡା ଅଞ୍ଚଳର ଶଶିକାନ୍ତ ମଲିକ ମାସିକ ୨ଶହ ଟଙ୍କାରେ ଆସନ୍ତା ୫ବର୍ଷ ପାଇଁ ଭଡ଼ାରେ ନେଇଥିବା ଏହି ଗୃହରେ ସାରବସ୍ତାଗୁଡିକୁ ରଖାଯାଇଥିଲା। ରବିବାର ଏ ସମ୍ପର୍କରେ ଅଭିଯୋଗ ହେବା ପରେ ରାତିରେ ପୋଲିସ, ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝି ଓ କୃଷି ଅଧିକାରୀ ସ୍ଥିତପ୍ରଜ୍ଞ ଖମାରୀ ପହଞ୍ଚି ଶଶିକାନ୍ତଙ୍କୁ ଡକାଇଥିଲେ। ତେବେ ଶଶିକାନ୍ତ ନ ଆସିବାରୁ ତାଲା ଭଙ୍ଗାଯାଇଥିଲା। ପରେ ଏହି ସାରର ତଦନ୍ତ ପାଇଁ କୃଷି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅପରପକ୍ଷେ ପୂର୍ବତନ ସରପଞ୍ଚ ଅଜୟ କୁମାର ପତ୍ରୀ ଶଶିକାନ୍ତଙ୍କ ନାମରେ ଭଡ଼ା ଦେଇ ନିଜେ ଏହି କାରବାର କରୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ।

### ୧୦୦ ବସ୍ତା ସାର ଜବତ

ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ଅଜୟ ପତ୍ରୀ ଏହା ଚନ୍ଦ୍ରପଡା ଅଞ୍ଚଳର ସାର ବ୍ୟବସାୟୀ ସନ୍ତୋଷ କୁମାର ମହାକୁଡଙ୍କ ସାର। ସେ ଡିଲରଙ୍କ ନିକଟରୁ ଗାଡିରେ ନେଇ ଆସୁଥିବା ବେଳେ ଗାଡି ଖରାପ ହେବାରୁ ଏଠାରେ ରଖିଥିବା ସୂଚନା ଦେଇଥିଲେ। ଗତ ସୋମବାର କୃଷି ଅଧିକାରୀ ସାର ବ୍ୟବସାୟୀ ସନ୍ତୋଷଙ୍କୁ ଏହି ସାର ନେଇଯିବା ପାଇଁ ନିର୍ଦ୍ଦେଶ ଦେବାରୁ ସ୍ଥାନୀୟ ଲୋକେ ସାର ରଖାଯାଇଥିବା ଗୃହରେ ଅନ୍ୟ ଏକ ତାଲା ପକାଇ କୃଷି କାର୍ଯ୍ୟାଳୟ ପରିସରରେ କୃଷି ଅଧିକାରୀଙ୍କୁ ଘେରିଥିଲେ। ପରେ କୃଷି ଅଧିକାରୀ ସେ ଦେଇଥିବା ନିର୍ଦ୍ଦେଶପତ୍ରକୁ ରଦ୍ଦ କରିବା ସହିତ ତଦନ୍ତ ପରେ ସାର ହସ୍ତାନ୍ତର କରାଯିବାର ପ୍ରତିଶ୍ରୁତି ଦେବା ପରେ ଲୋକମାନେ ନିଜ ଜିଦ୍‌ରୁ ଓହରିଥିଲେ। ବିଭାଗୀୟ ଏହାର ଠିକ ତଦନ୍ତ ନ କଲେ ଜନସାଧାରଣ ଧାରଣାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଶହୀଦ ୧୪ ବାୟୁସେନା କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

ରାସଗୋବିନ୍ଦପୁର/ମୋରଡ଼ା,୨୬।୭(ଡି.ଏନ.ଏ)

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଶହୀଦ ହୋଇଥିବା ୧୪ ବାୟୁସେନା କର୍ମଚାରୀଙ୍କୁ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ଠାରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

ଗବେଷକ ଅନୀଲ ଧିର ରାଜଙ୍କ ଆବାହକତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସାମାଜିକକର୍ମୀ ଡକ୍ଟର ଆଦିତ୍ୟ ପଟ୍ଟନାୟକ, ପଶ୍ଚିମବଙ୍ଗ କୋଲେଇକୁଣ୍ଡାସ୍ଥିତ ଭାରତୀୟ ବାୟୁସେନାର ଗ୍ରୁପ କମାଣ୍ଡର ରଣ ସିଂ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଏମ୍‌ପିଙ୍କ ପ୍ରତିନିଧି ପ୍ରବୀର କୁମାର ଘୋଷ, ୪୮ନଂ. ଜୋନ ଜିଲାପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ, ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାୟକ, ତହସିଲଦାର ନିର୍ଲିପ୍ତା ମହାନ୍ତି, ଆଇଆଇସି ଲୋପାମୁଦ୍ରା ନାୟକ, ରାସଗୋବିନ୍ଦପୁର ଦମକଳ କେନ୍ଦ୍ର ଅଧିକାରୀ ଶ୍ରୀଧର ମହାଲିକ, ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞ ଡା.ପି.ଏଲ୍ ଦାସ, ସଂଗ୍ରାମ ଦାସ, ପ୍ରାକ୍ତନ ଅଧକ୍ଷ ବସନ୍ତ କୁମାର ମହାନ୍ତ, ସମାଜସେବୀ ଡ. ଆଦିତ୍ୟ ପଣ୍ଡା, ଇଂ. ପ୍ରତୀକ ପଟ୍ଟନାୟକ, ଖବରଦାତା ଅଶୋକ କୁମାର ମହାନ୍ତି,ସନ୍ତୋଷ କୁମାର ମହାନ୍ତି, ଇନ୍ଦ୍ରଜିତ ଦାସ, ଅବିନାଶ ମହାନ୍ତି, ପ୍ରଶାନ୍ତ ଲେଙ୍କାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶହୀଦ ବାୟୁସେନା କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସୂଚନା ଅନୁଯାୟୀ, ୧୯୪୫ ଜୁଲାଇ ୨୬ ତାରିଖରେ ରାସଗୋବିନ୍ଦପୁର ଏଆରଷ୍ଟ୍ରିପ୍‌ରୁ ଉଡାଣ କରାଯାଇଥିବା ୨ଟି ବିମାନ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା। ସେଥିରେ ଥିବା ୧୪ଜଣ ବାୟୁସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ୧୩ଜଣ ବିଦେଶୀ ଥିବା ବେଳେ ଜଣେ ଭାରତୀୟ ଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ।

# ଜିଲାସ୍ତରୀୟ ମେଧାବୀ ଅଭିନନ୍ଦନ ସମାରୋହ



ମେଧାବୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ଭଦ୍ରକ ଅଫିସ, ୨୬।୭

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ଶିକ୍ଷା ବିଭାଗ ଦ୍ୱାରା ମଙ୍ଗଳବାର ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମେଧାବୀ ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅନ୍ୟତମ ଅତିଥି ଭାବେ ଏସ୍‌ପି ଚରଣ ସିଂ ମୀନା ଯୋଗ ଦେଇ ଜୀବନର ଲକ୍ଷ୍ୟ ପୂରଣ ପାଇଁ ପିଲାମାନେ ସ୍ୱପ୍ନ ଦେଖନ୍ତୁ ଓ ସ୍ୱପ୍ନକୁ ସାକାର କରିବା ପାଇଁ ସାଧନା ଜାରି ରଖନ୍ତୁ। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଗତ ହାଇସ୍କୁଲ ପରୀକ୍ଷାରେ ସଫଳ ବିଦ୍ୟାର୍ଥୀଙ୍କ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ-୧ ସଫଳତା ପାଇଥିବା ଜିଲାର ସମୁଦାୟ ୩୬ ଜଣ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ଟ୍ରଫି ସହ ଗୋଟିଏ ଗୋଟିଏ ଗୋଟିଏ ବୃକ୍ଷ ଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଧୂଷୁରୀର ମୁରଲୀଧର ହାଇସ୍କୁଲ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ପ୍ରଧାନ, ଓଷ୍ଟାର ସଂଘ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ଦାବିରେ ଧାରଣା

ବାହାନଗା, ୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ପଞ୍ଚାୟତ ୬ନମ୍ବର ୱାର୍ଡ ଯେନାସାହିରେ ଥିବା ଅଙ୍ଗନୱାଡି କେନ୍ଦ୍ର କର୍ମୀଙ୍କ ଘରେ ନ କରି ନିକଟସ୍ଥ ବିଦ୍ୟାଳୟରେ କରିବା ଦାବିରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସମେତ ଗ୍ରାମର ମୁଖ୍ୟମାନେ ଧାରଣାରେ ବସିଥିଲେ। ତେବେ ସିଡିପିଓ ବାସନ୍ତୀ ମଇଁ ଧାରଣାକାରୀଙ୍କୁ ଆସନ୍ତା ୧ତାରିଖଠାରୁ କର୍ମୀ ନିଜ ଘରେ କେନ୍ଦ୍ର ନ କରି ନିକଟସ୍ଥ ବିଦ୍ୟାଳୟରେ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଯେନା ସାହିରେ ଥିବା ଅଙ୍ଗନୱାଡି କେନ୍ଦ୍ର ଦୀର୍ଘ ୧୨ବର୍ଷ ଧରି ଖୋଲିଥିଲେ ମଧ୍ୟ ତାହା କୌଣସି ଅନୁଷ୍ଠାନରେ ନ ହୋଇ କର୍ମୀ ସସ୍ମିତାରାଣୀ ସାହୁଙ୍କ ଘରେ କେନ୍ଦ୍ର ଖୋଲାଯାଇ ପିଲାମାନଙ୍କୁ ପାଠ ପଢାଯାଉଥିଲା। ତେବେ ପଞ୍ଚାୟତରେ ନୂତନ ସରପଞ୍ଚ ହେବା ପରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତର ନେଇ ଅଭିଭାବକମାନେ ଦାବି କରିଥିଲେ। ସରପଞ୍ଚ ସଞ୍ଜନା ଯେନା, ସମିତିସଭ୍ୟା ଗାୟତ୍ରୀ ଜେନା ଓ ୱାର୍ଡସଭ୍ୟା ମାମିନା ଜେନା ପ୍ରମୁଖ ଗତ ଜୁନରେ ସିଡିପିଓ, ବିଡିଓ ଓ ଡିଏସ୍‌ଡବ୍ଲ୍ୟୁଙ୍କଠାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗରେ କୌଣସି ସମସ୍ୟା ସମାଧାନ ନ ହେବାରୁ ମଙ୍ଗଳବାର ଲୋକ ପ୍ରତିନିଧି ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଅଙ୍ଗନୱାଡି କେନ୍ଦ୍ର ବିଦ୍ୟାଳୟ ପରିସରରେ କରିବା ଦାବିରେ ସିଡିପିଓ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଅଙ୍ଗନୱାର୍ଡି କର୍ମୀ ସସ୍ମିତା ସାହୁ କହନ୍ତି ବିଦ୍ୟାଳୟରେ କେନ୍ଦ୍ର ଚଳାଇବା ପାଇଁ ସିଡିପିଓ କାର୍ଯ୍ୟାଳୟରୁ ମୋ ନିକଟକୁ କୌଣସି ଚିଠି ଆସିନାହିଁ। ମୁଁ ଲୋକଙ୍କ ଦାବି ଅନୁଯାୟୀ ବିଦ୍ୟାଳୟରେ କେନ୍ଦ୍ର ଖୋଲି ପିଲାମାନଙ୍କୁ ପାଠ ପଢାଇବା ପାଇଁ ଏକ ରିଜୋଲ୍ୟୁଶନ କରି ସିଡିପିଓଙ୍କ ନିକଟକୁ ପଠାଇଛି। ଉଦ୍ଦେଶ୍ୟମୂଳକ ଭାବେ ମୋତେ ହଇରାଣ କରିବା ପାଇଁ ଏଭଳି ଅଭିଯୋଗ କରୁଛନ୍ତି।



ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତର ଦାବିରେ ଧାରଣା ଦିଆଯାଇଛି।

## କୁଡୁମୀ ସେନା ପକ୍ଷରୁ ଚାରାରୋପଣ

ପାଟଣା,୨୬।୭(ସ୍ୱ.ପ୍ର.): ପାଟଣା ବ୍ଲକ ପଲାଶ ଘାଟି ପଞ୍ଚାୟତ ଜାମୁଳେଇବେଡା ବିଦ୍ୟାଳୟ ପରିସରରେ ଚାରାରୋପଣ ହୋଇଛି। କୁଡୁମୀ ସେନା ସଭାପତି ରବିନନ୍ଦନ ମହାନ୍ତଙ୍କ ସଂଯୋଜନାରେ ଉପସଭାପତି ମିତ୍ରଭାନୁ ମହାନ୍ତ, ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ବ୍ଲକ ସମ୍ପାଦକ ତ୍ରିନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଫଳଗଛ ଚାରା ଲଗାଇଛନ୍ତି।

### ନାଳ ମୁହଁ ପୋତିବା ଘଟଣା

# ତଦନ୍ତ କଲେ ତହସିଲଦାର

ଖଇରା,୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଅଧୀନ ବାସିଦ୍ଦିପୁର ଗ୍ରାମରେ ଗୋଟିଏ ପରିବାର ଗ୍ରାମବାସୀଙ୍କୁ ହଇରାଣ କରିବା ଲକ୍ଷ୍ୟରେ ଜଳ ନିଷ୍କାସନ ପଥକୁ ମାଟି ପକାଇ ଅବରୋଧ କରିଥିଲେ। ଏହା ପ୍ରତିବାଦରେ ଲକ୍ଷ୍ମଣ କୁମାର ରାଉଳ, ନିକୁଞ୍ଜ ରାଉଳ, କମଳାକାନ୍ତ ରାଉଳ, ପୂର୍ଣ୍ଣିମା ବେହେରା, କରୁଣାକର ବେହେରା, କିଶୋର ବେହେରା, ଦମୟନ୍ତୀ ରାଉଳ ପ୍ରମୁଖ ଗତ ୧୮ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା, ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ସାଉଣ୍ଡିଆ ରାଜସ୍ୱ ନିରୀକ୍ଷକ ଦିଲୀପ ବାରିକ ପ୍ରମୁଖ ସୋମବାର ଗ୍ରାମକୁ ଯାଇ ଅଭିଯୋଗର ତଦନ୍ତ କରିବା ଅବସରରେ ଗ୍ରାମବାସୀ ଏବଂ ସୋଠ ମୁହଁରେ ମାଟି ପକାଇ ଜଳ ନିଷ୍କାସନକୁ ବନ୍ଦ କରିଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କୁ ଯୋଗାଯୋଗ କରିବାରେ ଉଭୟପକ୍ଷଙ୍କୁ ସମାଧାନ ପାଇଁ ତହସିଲକୁ ଡକାଇଥିବା କହିଛନ୍ତି।

# ୧୪ ଏସ୍‌ଏଚ୍‌ଜିଙ୍କୁ ୩୯.୬୫ଲକ୍ଷ ଋଣ ପ୍ରଦାନ

ବାଲେଶ୍ୱର ଅଫିସ, ୨୬।୭

ବାଲେଶ୍ୱର ସହର ଆଇଟିଆଇସ୍ଥିତ ଉଦ୍ୟୋଗ ଭବନରେ କାନାରା ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ଏକ ଗ୍ରାହକ ସାକ୍ଷାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କାନାରା ବ୍ୟାଙ୍କ ଭଦ୍ରକ ଶାଖାର ଏଜିଏମ୍ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର) ପି. ମଧୁସୂଦନ ରାଓ, ଭୁବନେଶ୍ୱର ସର୍କଲ ଅଫିସ୍‌ର ଡିଏମ୍ (ଡେପୁଟି ମ୍ୟାନେଜର) କବୀନ୍ଦ୍ର କୁମାର ସାହୁ, ଭଦ୍ରକର ଡିଏମ୍ ଏସ୍‌ସି ମଲ୍ଲ ଯୋଗଦେଇ ବ୍ୟାଙ୍କଗୁଡ଼ିକ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସହଜ ଏବଂ ସରଳ ଉପାୟରେ ଋଣ ପ୍ରଦାନ କରି ସେମାନଙ୍କର ଆର୍ଥିକ ପରିସ୍ଥିତି ବଦଳାଇବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ କରୁଥିବା ପ୍ରକାଶ କରିଥିଲେ।

ଭଦ୍ରକ ରିଟେଲ ଆସେଟ୍ ହବ୍‌ର ମ୍ୟାନେଜର ଦେବବ୍ରତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାନାରା ବ୍ୟାଙ୍କର ଏଭଳି ରିଟେଲ ଆସେଟ୍ ହବ୍‌ର ମୂଳ ଲକ୍ଷ୍ୟ ହେଉଛି ଯେଉଁ ସଂଘମାନେ କାନାରା ବ୍ୟାଙ୍କରେ ଖାତା ଖୋଲିଛନ୍ତି ସେମାନଙ୍କୁ କ୍ରେଡିଟ୍ ଦେବା ସହ ଗାଁ ଗହଳିର ମହିଳାମାନଙ୍କୁ ତାଙ୍କର ବ୍ୟକ୍ତିତ୍ୱ ଓ ଆର୍ଥିକ ଉନ୍ନତି ସହିତ ଉଦ୍ୟୋଗ କରିବା କିମ୍ବା ଚାଷ କାର୍ଯ୍ୟକୁ ଗୁରୁତ୍ୱ ଦେବା ପାଇଁ କମ୍ ସୁଧରେ ଏବଂ କମ୍ କାଗଜପତ୍ରରେ ଋଣ କିପରି ଭାବେ ଯୋଗାଇ ଦିଆଯାଉଛି ଭୁବନେଶ୍ୱର ସର୍କଲ ଅଫିସ୍‌ର ଡିଏମ୍ ସାହୁ ଗ୍ରାହକମାନଙ୍କୁ ବୁଝାଇଥିଲେ। ସେହିପରି କାନାରା ବ୍ୟାଙ୍କ ଭଦ୍ରକ ଶାଖାର ଏଜିଏମ୍ ରାଓ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ କେବଳ ବାଲେଶ୍ୱରରେ ନୁହେଁ ସାରା ଦେଶରେ ଗ୍ରାହକଙ୍କ ପାଇଁ ପ୍ରସ୍ତୁତ କରାଯାଉଛି। କାନାରା ବ୍ୟାଙ୍କର ସରଳ, ସହଜ ଏବଂ କମ୍ ସୁଧରେ ଘର ତିଆରି କରିବା, ଗାଡ଼ି କିଣିବା, ଶିକ୍ଷାଲାଭ କରିବା, ଛୋଟବଡ଼ ବ୍ୟବସାୟ ଭଳି ଯୋଜନା ପାଇଁ ଋଣ ଯୋଗାଇ ଦିଆଯାଉଛି। ଆବେଦନକାରୀଙ୍କର ସମସ୍ତ କାଗଜପତ୍ର ଠିକ୍ ହେବାର ୭ଦିନ ମଧ୍ୟରେ ଋଣ ପ୍ରଦାନ ବ୍ୟବସ୍ଥା ରହିଛି। ହିତାଧିକାରୀମାନେ ଏହାକୁ ଠିକ୍ ଭାବେ ବୁଝିପାରିଲେ ବ୍ୟାଙ୍କ ସେବା ଗ୍ରହଣ କରିବେ ବୋଲି ଏପରି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିବା




ଗ୍ରାହକ ସାକ୍ଷାତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

### ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇଛି ବ୍ୟାଙ୍କ

ପ୍ରକାଶ କରିଛନ୍ତି। ଭଦ୍ରକର ଡିଏମ୍ ମଲ୍ଲ ଅନୁରୂପ ଭାବେ ବ୍ୟାଙ୍କର ବିଭିନ୍ନ ସୁବିଧା ଏବଂ ଗ୍ରାହକ ସମ୍ପର୍କ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କସବା ଶାଖା ମ୍ୟାନେଜର ମନ୍ଦାକିନି ଟୁଡୁ, ଭଦ୍ରକ ଶାଖା ଡିଏମ୍ ବିକାଶ ସାହୁ ଓ ନିଶାନ୍ତ ସାହୁ, ମୋତିଗଞ୍ଜ ଶାଖା ମ୍ୟାନେଜର ଦେବେଶ ବାରିକ, ବାଲେଶ୍ୱର ଶାଖା ମ୍ୟାନେଜର ଅରବିନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଗ୍ରାହକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୯ଲକ୍ଷ ୬୫ହଜାର ଋଣ ଆକାରରେ ପ୍ରଦାନ କରାଯାଇଥିଲା। ଏହି ଋଣ ବାବଦରେ ଚେକ୍‌କୁ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ଓ ସଭାପତିଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
ବୁଧବାର, ୨୭ ଜୁଲାଇ, ୨୦୨୨



## ବଧୂ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**ମୋରଡ଼ା,(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ପରମାନନ୍ଦ ଗ୍ରାମର ଦିଗୀ ଟୁଡୁ ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀ କାନ୍ଦ୍ରା ଟୁଡୁଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଦିଗୀଙ୍କ ବାପା ଶୁଳିଆପଦା ଥାନା ଅଧୀନ କପ୍ତିଶୋଳ ଗ୍ରାମର ଡମାନ କିସ୍କୁଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

■ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ଦାବି

■ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ

**ବାରିପଦା ଅଫିସ,୨୬।୭**

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଶତାଧିକ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟକୁ ସାଇନ୍-ଏ-ଡାଏ ଘୋଷଣା କରିବା ସହିତ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ଓ ପାଠପଢ଼ା କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଅଭିଷେକ ପଣ୍ଡା ଓ ଶୁଭଜିତ ପାଣିଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଛନ୍ତି। ଘଟଣାସ୍ଥଳରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ବସା, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ରୀ କରୋନାରେ ସଂକ୍ରମିତ ହୋଇଥିବାରୁ ପରୀକ୍ଷା ପାଇଁ ସୁବ୍ୟବସ୍ଥା କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ। ମାତ୍ର ସଂକ୍ରମଣ ଭୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ପରୀକ୍ଷା ବ୍ୟବସ୍ଥା କରିବାକୁ ଜିଦ୍‌ରେ ଅଟଳ ରହିଛନ୍ତି ।

ସୂଚନାଯୋଗ୍ୟ, ଦୁଇ ଦିନ ପୂର୍ବେ ବିଶ୍ୱବିଦ୍ୟାଳୟର ୪ଟି ଛାତ୍ରୀ ନିବାସରେ ରହୁଥିବା ଶତାଧିକ ଛାତ୍ରୀଙ୍କ ମଧ୍ୟରୁ ୨୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥି ମଧ୍ୟରୁ ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ସଂକ୍ରମିତ ଛାତ୍ରୀମାନେ ୪ର୍ଥ ଓ ୬ଷ୍ଠ ସେମିଷ୍ଟର ପରୀକ୍ଷାରେ ବସିରହି ପରୀକ୍ଷା ଦେବା ସମ୍ଭବ ହୋଇ ନ ଥିବା ବେଳେ ସୁସ୍ଥଥିବା ଛାତ୍ରୀଛାତ୍ରମାନେ ସଂକ୍ରମଣରୁ ବର୍ତ୍ତିବା ପାଇଁ ଅନ୍‌ଲାଇନ ପରୀକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଜୁଲାଇ ୩୧ ସୁଦ୍ଧା ଶେଷ ସେମିଷ୍ଟର ପରୀକ୍ଷା ଶେଷ କରି ଅଗଷ୍ଟ ୧୫ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବା କଥା। ଏନେଇ ସମସ୍ତ ଡିଗ୍ରୀ କଲେଜ, ସ୍ୱୟଂଶାସିତ କଲେଜ ତଥା ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପରୀକ୍ଷା ହେବାରେ ବିଳମ୍ବ ଘଟିଛି। ଫଳରେ ଛାତ୍ରୀଛାତ୍ରମାନେ ନିଜକୁ ସୁରକ୍ଷିତ ନ ମଣି ଅଫ୍‌ଲାଇନ ପରୀକ୍ଷା ଦେବାକୁ ଅମଙ୍ଗ ହୋଇଛନ୍ତି । ତେବେ ଠିକ୍ ସମୟରେ ଶେଷ ସେମିଷ୍ଟର ପରୀକ୍ଷା ହୋଇ ଫଳାଫଳ ପ୍ରକାଶ କରା ନ ଗଲେ ବହୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବେ ବୋଲି ପଲ୍ଲୀଶ୍ରୀ ଘୋଷ, ଆଶିଷ ଜେନା, ବିଷ୍ଣୁପଦ ନାୟକ ପ୍ରମୁଖ ଛାତ୍ରୀଛାତ୍ର କହିଛନ୍ତି। ତେବେ ସଂକ୍ରମଣ ରୋକିବା ପର୍ଯ୍ୟନ୍ତ ଅନ୍‌ଲାଇନ ପରୀକ୍ଷା ଓ ଶିକ୍ଷାଦାନ କରା ନ ଗଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ରଶ୍ମୀରେଖା ବାରିକ, ଉତ୍ତମ ମହାପାତ୍ର, କେଶବ ରାଉତ, ନିଗମପ୍ରିୟା ଦାଶ, ମନୋସ୍ୱିନ ନାୟକ, ଶୁଭସ୍ମିତା ମହାନ୍ତି, ପ୍ରୀତି ଖମାରୀଙ୍କ ସମେତ ବହୁ ଛାତ୍ରୀଛାତ୍ର ସାମିଲ ଥିଲେ ।


ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ସହ କୁଳପତି ପ୍ରଫେସର କିଶୋର ବସା ଆଲୋଚନା କରୁଛନ୍ତି।

## ବିଦ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା

**ବାସୁଦେବପୁର, ୨୬।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସାନକୃଷ୍ଣପୁର ପଞ୍ଚାୟତର ଗଦି ପ୍ରାଥମିକ ବିଦ୍ୟାଳୟରେ ଅନିୟମିତତାକୁ ନେଇ ମଙ୍ଗଳବାର ପୁର୍ନବାର ଗ୍ରାମବାସୀ ଧାରଣାରେ ବସିବା ସହ ବିଦ୍ୟାଳୟରେ ତାଲା ପକାଇ ହୋହଲ୍ଲା କରିଥିଲେ। ବିଦ୍ୟାଳୟ ଆଗରେ ଧାରଣାରେ ବସିବା ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ଗତ ୧ ମାସରୁ ଊର୍ଦ୍ଧ୍ୱ ଧରି ବିଦ୍ୟାଳୟରେ ଏହି ଘଟଣାକୁ ନେଇ ଏକ ଅପ୍ରୀତିକର ପରିସ୍ଥିତି ଲାଗି ରହିଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ଠିକ୍‌ଠାକ ରହିପାରୁନାହିଁ। ଏନେଇ ବିଆର୍‌ସିସି ସୁକାନ୍ତୀ ବାରିକଙ୍କୁ ପଚାରିବାରୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ବିଇଓ ତଦନ୍ତ ଚଳାଇଛନ୍ତି। ତାଙ୍କର ଦରମା ମଧ୍ୟ ଅଟକାଯାଇଛି। ଆଜିର ଘଟଣା ବାବଦରେ ସେ ଅବଗତ ନାହାନ୍ତି ବୋଲି କହିଛନ୍ତି। ଏହି ବିଦ୍ୟାଳୟର ଲାଗି ରହିଥିବା ସମସ୍ୟା ସମାଧାନ କରି ଶିକ୍ଷା ବ୍ୟବସ୍ଥାକୁ ପୁଣି ସଜାଡ଼ିବା ଦିଗରେ ଶିକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ସବିତା ମଞ୍ଜରୀ ଦାସ କହିଛନ୍ତି, କେଉଁ କାରଣ ପାଇଁ ସେମାନେ ଧାରଣା ଦେଇଛନ୍ତି ସେ ସମ୍ପର୍କରେ କିଛି କହିପାରିବେ ନାହିଁ।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଜବତ:୨ ଗିରଫ

**ସାରସକଣା,୨୬।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥରୁ ପୋଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ଥାନା ଅନ୍ତର୍ଗତ ଚୁଆଗଡ଼ା ଗ୍ରାମର ସୁଶାନ୍ତ ସିଂ ଓ ସରବଣି ଗ୍ରାମର ଲାଲଟୁ ମଣ୍ଡଳ। ଜବତ ଗାଡ଼ିରୁ ୭ ଗୋରୁ ଉଦ୍ଧାର ପରେ ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଯାଇଛି। ମଙ୍ଗଳବାର ଅପରାହ୍ନ ୫ଟା ସମୟରେ ଏକ ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନରେ ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। ଖବରପାଇ ଝାରପୋଖରିଆ ଥାନା ଅଧିକାରୀ ମୁକ୍ତିକୁମାର କୁଲୁ ଜାମଶୋଳା ନିକଟରେ ଉକ୍ତ ଭ୍ୟାନ୍‌କୁ ଅଟକାଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ।

### ବ୍ୟବସାୟୀଙ୍କୁ ଭୁଜାଲି ମାରି ଲୁଟି ନେଲେ ୧.୭ଲକ୍ଷ

**ରୂପସା/ବସ୍ତା, ୨୬।୭(ଡି.ଏନ.ଏ.)-** ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସକୁ ଚ୍ୟାଲେଞ୍ଜ କରି ମଙ୍ଗଳବାର ଦୁର୍ବୃତ୍ତମାନେ ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ମଥାନୀ ଗଳାପୋଲଠାରେ ବ୍ୟବସାୟୀଙ୍କୁ ଭୁଜାଲି ମାଡ଼ କରି ୧ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବ୍ୟବସାୟୀଙ୍କୁ ସ୍ଥାନୀୟ ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସାନଖୁଡ଼ି ପ୍ରୋଜେକ୍ଟ ବଜାରର ଜଣେ ଗ୍ରସେରୀ ଦୋକାନୀ ପଞ୍ଚାନନ ମହାନ୍ତି ବାଇକ ଯୋଗେ ଜଳେଶ୍ୱର ମାର୍କେଟିଂ କରିବାକୁ ସକାଳେ ଯାଉଥିଲେ। ମଥାନୀ ଗଳାପୋଲଠାରେ ୨ଟି ବାଇକରେ ୫ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଟଙ୍କା ମାଗିଥିଲେ। ସେ ମନା କରିବାରୁ ଭୁଜାଲିରେ ତାଙ୍କ ହାତ ଓ ପେଟକୁ ଆକ୍ରମଣ କରିଥିଲେ। ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ୧ଲକ୍ଷ ୭୦ହଜାର ଟଙ୍କା ନେଇ ସେମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ବରୁଣଗଡ଼ିଆ ବ୍ୟାଙ୍କ ଲୁଟ୍ ସାଙ୍ଗକୁ ଦୁଇଟି ମନ୍ଦିର ଓ ବିଦ୍ୟାଳୟ ତାଲା ଭାଙ୍ଗି ସିରିଜ ଚୋରି ଘଟଣାରେ ପୋଲିସ ଏଯାଏ କୌଣସି ଟେର୍ ପାଇପାରିନି।

### କେନ୍ଦୁଝରଗଡ଼ ଷ୍ଟେଶନରୁ ଯୁବତୀ ଉଦ୍ଧାର

**କେନ୍ଦୁଝର, ୨୬।୭(ସ୍ୱ.ପ୍ର.):** ଭୁବନେଶ୍ୱରରୁ କେନ୍ଦୁଝରଗଡ ଆସୁଥିବା ଏକ ଟ୍ରେନ୍‌ରୁ ଜଣେ ଯୁବତୀଙ୍କୁ ସୋମବାର କେନ୍ଦୁଝରଗଡ ରେଲୱେ ଷ୍ଟେଶନରୁ ଉଦ୍ଧାର କରାଯାଇଛି। ରାତି ୯ଟାରେ ଟ୍ରେନ୍‌ଟି ଷ୍ଟେଶନରେ ପହଞ୍ଚିବାପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଉକ୍ତ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱାଧାର ଗୃହରେ ରଖିଛି। ଯୁବତୀ ଜଣକ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ଠିକ୍ ଠିକଣା କହିପାରୁନାହାଁ ସେ ହିନ୍ଦୀରେ କଥାବାର୍ତ୍ତା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ସେ କେଉଁ ସ୍ଥାନରୁ ଆସିଛନ୍ତି ତାହାର ତଦନ୍ତ ପୋଲିସ କରୁଛି।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ଆରଡି, ୨୬।୭(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଓଲଗଠାରେ ଭାଜପା ଆଖଣ୍ଡଳମଣି ମଣ୍ଡଳ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି କିଶୋର ନାୟକ, ଭାଜପା ନେତା ଅଶୋକ ରାଉଳ, ସ୍ୱଦେଶ ପଣ୍ଡା, ଅଶୋକ ରାଉତ, ରବୀନ୍ଦ୍ର ମହାକୁଳ, ସତ୍ୟଜିତ ପଲାଇ, ଦୀପକ ବିଶ୍ୱାଳ, ଯୁବ କର୍ମକର୍ତ୍ତା ସନ୍ଦୀପ ନାୟକ, ସୁବ୍ରତ ବିଳାସ, ସୁରେଶ ମହାଳିକ, ମାନସ ପାଢ଼ୀ, ସମ୍ବିତ ନାୟକ, ମାନସ ପଣ୍ଡା, ବିଶ୍ୱଜିତ ନାୟକ ପ୍ରମୁଖ ରକ୍ତଦାନ କରିବା ସହ ପରିଚାଳନାରେ ସହାୟତା କରିଥିଲେ। ଏହି ଅବସରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### ହଳ କରୁଥିବା ବେଳେ ଆକ୍ରମଣ

**ପାଟଣା,୨୬।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ବୁଡ଼ାବଣ ଗ୍ରାମର ଦେବାନନ୍ଦ ମହାନ୍ତ( ୫୩) ନାମକ ଜଣେ ବ୍ୟକ୍ତି ମଙ୍ଗଳବାର ସରକାରୀ ଜମିରେ ହଳ କରିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ମୁଣ୍ଡା ସାହିର ୧୦ ରୁ ୧୫ଜଣ ଲୋକ ସଂଘବଦ୍ଧ ଭାବେ ଆସି ତାଙ୍କୁ ମାରିଥିଲେ। ଦେବାନନ୍ଦଙ୍କ ମୁଣ୍ଡ ଓ ପିଠିରେ ଗଭୀର କ୍ଷତ ହୋଇଛି। ଏନେଇ ଦେବାନନ୍ଦ ସାହାରପଡା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ରିତୁରାଣୀଙ୍କ ନୃତ୍ୟ ନିଶା

**ଶୁଭକାନ୍ତ ନାୟକ**
**ହାଟଡିହୀ,୨୬।୭**



ତୁଳସୀ ଦୁଇ ପତ୍ରରୁ ବାସିବା ପରି କୁନି ବୟସରୁ ତାଙ୍କ ପ୍ରତିଭା ଜଣାପଡ଼ିଛି। ସେ କୌଣସି ତାଲିମ ନେଇ ନ ଥିଲେବି ତାଙ୍କର ନୃତ୍ୟ ନୈପୁଣ୍ୟ ଅନେକଙ୍କୁ ମୁଗ୍ଧ କରିଛି। ମା'ଙ୍କ ପ୍ରେରଣାରେ ନୃତ୍ୟ କ୍ଷେତ୍ରରେ ଆଗକୁ ବଢୁଥିବା ଏହି କୁନି ଝିଅ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଓ ପ୍ରଶଂସା ପାଇଛନ୍ତି। ଏପରିକି ଚ୍ୟାନେଲରେ ହେଉଥିବା ପ୍ରତିଯୋଗିତାରେ ଭାଗ ନେଇ ଚର୍ଚ୍ଚାକୁ ଆସିଛନ୍ତି। ସେ ହେଲେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଗ୍ରାମର ଅର୍ମତା ଓ ଦିଲ୍ଲୀପ କୁମାର ନାୟକଙ୍କ ୮ ବର୍ଷର ଝିଅ ରିତୁରାଣୀ।

ନିଜ ଗାଁ ସ୍କୁଲରେ ଏବେ ସେ ତୃତୀୟ ଶ୍ରେଣୀରେ ପଢୁଛନ୍ତି । ଝିଅର ନୃତ୍ୟ ପ୍ରତି ଆଗ୍ରହ ଦେଖି ତାଙ୍କୁ ନିକଟସ୍ଥ ଆଗରପଡ଼ାର ଏକ ନୃତ୍ୟ ଶିକ୍ଷା କେନ୍ଦ୍ରକୁ ଛାଡ଼ିଛନ୍ତି ତାଙ୍କ ମା'ବାପା। ତାଙ୍କ ବାପା ନିଜ ଗ୍ରାମରେ ଏକ ଦୋକାନ କରି ପରିବାର ଚଳାଉଥିବା ବେଳେ ମା' ଜଣେ ଗୃହିଣୀ। ରିତୁରାଣୀ ଭୁବନେଶ୍ୱର ଆମ ପରିବାର ପ୍ରତିଭା ସମ୍ମାନ, କେନ୍ଦୁଝର ମା' ମଙ୍ଗଳା ବାର୍ଷିକ ଉତ୍ସବ, ସାଳନ୍ଦୀ ମହୋତ୍ସବ, ବାଲିବରେଇ ଦୁର୍ଗା ପୂଜା ମହୋତ୍ସବ, ଭଦ୍ରକ ମହାତବ ବାର୍ଷିକ ଉତ୍ସବ, ଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ ଆଦିରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି । ତାଙ୍କ ମା'କହିଛନ୍ତି, ଝିଅକୁ ଏକ ଉନ୍ନତ ନୃତ୍ୟ ଶିକ୍ଷା କେନ୍ଦ୍ରରେ ଶିକ୍ଷା ଦେବାକୁ ଚାହୁଁଛୁ। କିନ୍ତୁ ଅର୍ଥାଭାବରୁ ଉପଯୁକ୍ତ ଶିକ୍ଷା ପ୍ରଦାନ ଲାଗି ବନ୍ଦୋବସ୍ତ କରିପାରୁନୁ। ତେଣୁ ନିଜ ଘର ପାଖ ଏକ ଶିକ୍ଷା କେନ୍ଦ୍ରରେ ନୃତ୍ୟ ଶିକ୍ଷା ପାଇଁ ବ୍ୟବସ୍ଥା କରାଇଛୁ। ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଝିଅର ଆଗ୍ରହ ଥିବା କହିଛନ୍ତି ରିତୁରାଣୀଙ୍କ ପିତା ଦିଲ୍ଲୀପ।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ଜୀବନ ଗଲା

**ବିଶୋଇ,୨୬।୭(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନା ଧରୁନି। ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ମଣଦା ବନାଞ୍ଚଳ ସ୍ଥିତ ବାଙ୍କୀ ଗ୍ରାମରେ ସୋମବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅଙ୍ଗଦ ଦେହୁରୀ(୬୨)। ରାତିରେ ଘର ପିଣ୍ଡାରେ ଶୋଇଥିବା ବେଳେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ଲୁହାକାନି ପଞ୍ଚାୟତ ସରପଞ୍ଚ ସଲମା ଟୁଡୁ ଓ ସମିତି ସଦସ୍ୟ ଦିଲ୍ଲୀପ ଗିରି ଘଟଣାସ୍ଥଳରେ ପହଞ୍ଚିବା ସହ ବନବିଭାଗକୁ ଖବର ଦେଇଥିଲେ। ପରେ ରାଇରଙ୍ଗପୁର ଡେପୁଟି ରେଞ୍ଜ ଅଧିକାରୀ ସତ୍ୟବ୍ରତ ପଟ୍ଟନାୟକ, ଏସିଏଫ୍ ବୈଦ୍ୟନାଥ ମାଝୀ, ରାଇରଙ୍ଗପୁର ବନାଞ୍ଚଳ ଅଧିକାରୀ ଅନ୍ତର୍ଯ୍ୟାମୀ ମହାକୁଡ଼ଙ୍କ ସମେତ ମଣଦା ବନାଞ୍ଚଳ ଅଧିକାରୀ ଧରିତ୍ରୀ ମୁର୍ମୁଙ୍କ ନେତୃତ୍ୱରେ ବନବିଭାଗ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏଥିସହିତ ଅଙ୍ଗଦଙ୍କ ଶବ ବ୍ୟବଚ୍ଛେଦ ପାଇଁ ବନବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା।

## ଭୂୟାଁ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ



କାର୍ଯ୍ୟକ୍ରମରେ ଉପସ୍ଥିତ ଭୂୟାଁ ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

**କେନ୍ଦୁଝର, ୨୬।୭ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଭୂୟାଁ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟଭାର ଗ୍ରହଣ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ପ୍ରଥମ ଆଦିବାସୀ ମହିଳା ଭାବରେ ଦାୟିତ୍ୱ ଗ୍ରହଣ କରି ସେ ଇତିହାସ ସୃଷ୍ଟି କରିଛନ୍ତି। ଯାହାକି ଓଡ଼ିଶା ମାଟି ପାଇଁ ଗର୍ବର ବିଷୟ ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ସଙ୍ଗଠନର ସଭାପତି ହରିଶଙ୍କର ନାୟକ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଙ୍ଗଠନର ସମ୍ପାଦକ କାଙ୍ଗାଳୀ ଚରଣ ନାଏକ, ଉପଦେଷ୍ଟା ଶ୍ୟାମସୁନ୍ଦର ନାଏକ, ଉପସଭାପତି ଭାସ୍କର ଅମାନ୍ତ, ସତ୍ୟଭାମା ବିଶ୍ୱାଳ, ସହସମ୍ପାଦକ ନରୋତ୍ତମ ନାଏକ, ପ୍ରଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି ତାଙ୍କ ମହାନ ଆଦର୍ଶ ଓ କର୍ମମୟ ଜୀବନକୁ ସ୍ମରଣ କରି ଅଭିନନ୍ଦନ ଜଣାଇଥିଲେ।

## ଶିକ୍ଷକଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଭିଡିଓ ଭାଇରାଲ

**ଚାନ୍ଦବାଲି, ୨୬।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳରେ ଏକ ନୋଡାଲ ସ୍କୁଲର ଜଣେ ଶିକ୍ଷକଙ୍କୁ ଜଣେ ମହିଳା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୂଚନା ଅନୁଯାୟୀ, ମାଡ଼ ମାରୁଥିବା ମହିଳାଙ୍କ ନାତୁଣୀ ୫ମ ଶ୍ରେଣୀର ଛାତ୍ରୀ ହୋଇଥିବା ବେଳେ ଶିକ୍ଷକ ଜଣକ ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ କରିଛନ୍ତି। ଉକ୍ତ ଶିକ୍ଷକ ସ୍କୁଲ ଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ ସହାୟତାରେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଏହାକୁ ନେଇ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅପରାହ୍ନରେ ବୈଠକ ହୋଇଥିଲା। ବୈଠକରେ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ଏଥିପ୍ରତି ଜିଲା ଶିକ୍ଷାଧିକାରୀ ଦୃଷ୍ଟି ଦେବା ସହ ଏହାର ନିରପେକ୍ଷ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରଛନ୍ତି। ଏବେ ଶିକ୍ଷକ ମାନଙ୍କର ବିଭିନ୍ନ ହରକତ ନେଇ ଭିଡିଓ ଭାଇରାଲ ହେଉଛି।

## ନଦୀକୁ ଡେଇଁ ଯୁବତୀ ନିଖୋଜ

**ଭଦ୍ରକ ଅଫିସ, ୨୬।୭**

ଭଦ୍ରକ ସହରର ସାଳନ୍ଦୀ ନଦୀ ଉପରେ ଥିବା ରାଜଘାଟ ପୋଲ ଉପରୁ ମଙ୍ଗଳବାର ପୂର୍ବାହ୍ନରେ ଜଣେ ଯୁବତୀ ନଦୀକୁ ଡେଇଁ ପଡ଼ିଛନ୍ତି। ଭଦ୍ରକ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିବାପରେ ମଧ୍ୟ ଯୁବତୀଙ୍କ ପତ୍ତା ମିଳିନାହିଁ। ଯୁବତୀ ଜଣକ ଗେଲଟୁଆ ଅଞ୍ଚଳର ହୋଇଥିବା ବେଳେ ଡେଇଁବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଯୁବତୀ ଜଣକ ଜଣେ ଦୋକାନୀଙ୍କଠାରୁ ମୋବାଇଲ ମାଗି ତାଙ୍କ ଭାଇଙ୍କୁ କଲ୍ କରିବା ପରେ ନମ୍ବର ଡିଲିଟ୍ କରି ଦୋକାନୀଙ୍କୁ ମୋବାଇଲ ଫେରାଇ ଦେଇଥିଲେ। ପରେ ନଦୀ ପାଖକୁ ଯାଇ ଡେଇଁ ପଡ଼ିବା ଦୋକାନୀ ଜଣକ କହିଛନ୍ତି। ଖବର ପ୍ରସାରିତ ହେବା ପରେ ରାଜଘାଟ ପୋଲ ଉପରେ ଲୋକଙ୍କ ଭିଡ଼ ଜମିଥିଲା। ରାସ୍ତା ଜାମ ହୋଇଯିବାରୁ କିଛି ସମୟ ପାଇଁ ଯାତାୟାତ ଠପ୍ ହୋଇଯାଇଥିଲା।


ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଚାଲିଛି।

## ୫୦ ଶିକ୍ଷକଙ୍କୁ ବୈଷୟିକ ତାଲିମ


ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବୈଷୟିକ ତାଲିମ ପ୍ରଦାନ କରାଯାଉଛି।

**ସିମୁଳିଆ, ୨୬।୭(ଡି.ଏନ.ଏ.)**

୫ଟି ଯୋଜନାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଚକ୍‌ଖଡ଼ି ଓ କଳାପଟା ପରିବର୍ତ୍ତେ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟବୋର୍ଡ଼ରେ ବିଭିନ୍ନ ଭିଡ଼ିଓ ଓ ସରଞ୍ଜାମ ମାଧ୍ୟମରେ ଶିକ୍ଷାଦାନ ଉଦ୍ଦେଶ୍ୟରେ ସିମୁଳିଆ ଓ ଖଇରା ବ୍ଲକର ୫୦ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାର୍କୋଣା ରଘୁନାରାୟଣ ଉଚ୍ଚବିଦ୍ୟାଳୟ ପରିସରରେ ୫ଦିନିଆ ତାଲିମ ଦିଆଯାଇଛି। ଏହି ଶିକ୍ଷାଦାନକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା। ବାଲେଶ୍ୱର ଏଡିଇଓ ପବିତ୍ର ମୋହନ ବାରିକ ଓ ନୀଳଗିରି ବିଇଓ ସ୍ନିଗ୍ଧାରାଣୀ ପଣ୍ଡା ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଭୂମିକା ଓ ଲିଡ଼ରସିପ୍ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ସିମୁଳିଆ ଓ ଖଇରାର ଏମ୍‌ଆଇଏସ୍ ସ୍ୱପ୍ନାଞ୍ଜୟ ସାହୁ ଓ ଅଶୋକ କୁମାର ମହାନ୍ତି ଡିଜିଟାଲ ସ୍କିଲ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ୫ଟି ଯୋଜନାରେ ସିମୁଳିଆ ବ୍ଲକରେ ୧୪ ଓ ଖଇରା ବ୍ଲକରେ ୧୯ ବିଦ୍ୟାଳୟ ସାମିଲ ହୋଇଛି । ଏଡିଇଓ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ନିଜନିଜ ବିଦ୍ୟାଳୟରେ ମୋ ସ୍କୁଲ ଯୋଜନାରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି, ମ୍ୟୁଜିକ ଓ କଳା ଶିକ୍ଷକ ନିଯୁକ୍ତି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମସ୍ତ ୫୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ଦୁର୍ଘଟଣାରେ ୩ ଗୁରୁତର

**ବୈଶିଙ୍ଗା,୨୬।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ୧୮ନଂ. ଜାତୀୟ ରାଜପଥରେ ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ନିକଟସ୍ଥ ବାଲିଚିତିରୀ ଗ୍ରାମର ଦିଲ୍ଲୀପ ଦଳେଇ ରାସ୍ତା ପାରି ହେଉଥିବା ବେଳେ ଏକ ଦ୍ରୁତଗାମୀ ସ୍କୁଟି ତାଙ୍କୁ ଧକ୍କା ଦେଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲା। ଫଳରେ ସ୍କୁଟି ଚଳାଉ ଥିବା ମୋରଡ଼ା ଅଞ୍ଚଳର ଯଶୋବନ୍ତ ସେଠୀ ଓ ପଛରେ ବସିଥିବା ଭବାନୀ ଶଙ୍କର ବେହେରା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ୩ଜଣଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ବୈଶିଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଗ୍ରାମସଭା ଆଇନ ଉଚ୍ଛେଦର ପ୍ରତିବାଦ

**ବାରିପଦା ଅଫିସ,୨୬।୭**

ମୟୂରଭଞ୍ଜ ଜଙ୍ଗଲ ମଞ୍ଚ ପକ୍ଷରୁ ଗ୍ରାମ ସଭା ଆଇନ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହା ସହିତ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଜଙ୍ଗଲ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନା ଅନୁଯାୟୀ, ୧୯୮୦ରେ ପ୍ରଚଳନ ହୋଇଥିବା ଜଙ୍ଗଲ ସଂରକ୍ଷଣ ଆଇନକୁ ବ୍ୟତିକ୍ରମ କରି ୨୮ଜୁନ ୨୦୨୨ରେ କେନ୍ଦ୍ର ସରକାର ନୂତନ ଆଇନ ପ୍ରଣୟନ କରିଛନ୍ତି । ଫଳରେ ଜଙ୍ଗଲ ଅଧିକାର ଆଇନରେ ଥିବା ଗ୍ରାମସଭାର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ଏହା ଦ୍ୱାରା ଜଙ୍ଗଲ ସୁରକ୍ଷା ଦିଗରେ ବ୍ୟତିକ୍ରମ ହେବା ସହିତ ଜଙ୍ଗଲର ବିଭିନ୍ନ ଆଇନକୁ ଉଲ୍ଲଂଘନ କରୁଛି। ସେହିପରି ୧୯୯୩ରେ ପେସା ଆଇନ ଦ୍ୱାରା ଗ୍ରାମସଭା ମାଧ୍ୟମରେ ହେଉଥିବା ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ପ୍ରଚଳିତ ନିୟମରେ ବାଧା ଉପୁଜିବାର ସମ୍ଭାବନା ରହିଛି । ଫଳରେ ଜଙ୍ଗଲର କ୍ଷୟକ୍ଷତି ଘଟିବା ସହ ଖଣିଖାଦାନ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ମୟୂରଭଞ୍ଜ ଜଙ୍ଗଲ ମଞ୍ଚର ସଭାପତି ବିଷ୍ଣୁ ନାଥ ପୃଷ୍ଟି, ସମ୍ପାଦକ ମୁରଲୀଧର ନାୟକ, ଦାଶମାତ୍ ସୋରେନ ଓ ବିକାଶ କୁମାର ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।


ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧିଦଳ।

